# Akashvani, Sambalpur

## SAMBALPURI NEWS EVENING BULLETIN

## 14 May 2026-7.02- 7.12 pm.

---

୧- ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ- ଏନ୍‌ଡିଆର୍‌ଏଫ୍ ଶହେ ୪୦ କୋଟି ଭାରତୀୟଙ୍କର୍ ବିଶ୍ୱାସ୍ ଜିତିପାରିଛେ କହେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

୨- ଜୁଲାଇ ୧ ତାରିଖ୍‌ନୁ ଓଡ଼ିଶା ନ ମୁଲ୍ ହେବା ସ୍ୱତନ୍ତ୍ର ସଘନ ସଂଶୋଧନ୍-ଏସ୍‌ଆଇଆର୍ ।

୩- ରାଏଜେ ଆଇନ୍ ଶୃଙ୍ଖଳା ପରିସ୍ଥିତିକେ ନେଇକରି ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଚାଲିଛେ ଜରୁରୀ ବୈଠକ୍ ।

- ଭୁବ୍‌ନେଶ୍ୱର୍ ନ ହେଇଛେ ସଚିବସ୍ତରୀୟ ବୈଠକ୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଛେ ଲଘୁଚାପ୍ କ୍ଷେତ୍ର ।

- ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ସାଙ୍ଗେ ରାଜ୍ୟର୍ ସବୁ ଜିଲ୍ଲା ନ ହେଇପାରେ ବର୍ଷା ।

ଶାହା - ଏନ୍‌ଡିଆର୍‌ଏଫ୍       ଏନ୍‌ଏସ୍‌ଡି

ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ- ଏନ୍‌ଡିଆର୍‌ଏଫ୍ ଶହେ ୪୦ କୋଟି ଭାରତୀୟଙ୍କର୍ ବିଶ୍ୱାସ୍ ଜିତିପାରିଛେ ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ । ଉତର୍‌ପ୍ରଦେଶ୍‌ର ଗାଜିଆବାଦ୍ ଠାନେ ଏନ୍‌ଡିଆର୍‌ଏଫ୍‌କେ ରାଷ୍ଟ୍ରପତିଙ୍କର୍ ଧ୍ୱଜା ପୁରସ୍କାର୍ ସମାରୋହକେ ସମ୍ବୋଧନ୍ କରିକରି ଶ୍ରୀ ଶାହା କହିଛନ୍, ବିପର୍ଯ୍ୟୟ ସମିଆଥି ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଅଦମ୍ୟ ସାହସ୍ ଆଉ ସମର୍ପଣ୍ ଭାବ୍ ସହେତେ କାମ୍ କରିକରି ଉତ୍କର୍ଷତା ଦେଖେଇଛନ୍ । ସେମାନ୍‌କର୍ ଉପସ୍ଥିତି ପ୍ରଭାବିତ୍ ଲୋକ୍‌ମାନ୍‌କର୍ ମନେ ଆଶ୍ୱସ୍ତି ଭରିଦେସି । ରାଷ୍ଟ୍ରପତିଙ୍କର୍ ଧ୍ୱଜା ସମ୍ମାନ୍ ପାଏବାର୍‌ଟା ବହୁତ୍ ଗର୍ବର୍ ବିଷେ ଆଏ । ଇ ସମ୍ମାନ୍ ଦେବାର୍ ଜରିଏ ରାଷ୍ଟ୍ରପତି ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଆଉ ଭିନ୍ ଭିନ୍ ସ୍ତର୍‌ଥି ସେବା ଦଉଥିବା ଆପଦା ମିତ୍ରଙ୍କର୍ ବିପର୍ଯ୍ୟୟ ସାହାଜ୍‌କେ ଶ୍ରୀ ଶାହା ପ୍ରଶଂସା କରିଛନ୍ ।

(ଭଏସ୍ ଓଭର୍- ଅମିତ୍ ଶାହା)

ଶ୍ରୀ ଶାହା କହିଛନ୍, ଏନ୍‌ଡିଆର୍‌ଏଫ୍ ନିଜର୍ ୮ ହଜାର୍ ୫ ଶହ ନୁ ଅଏତ୍‌କା କର୍ମଚାରୀ, ୧୦ ହଜାର୍‌ନୁ ଅଏତ୍‌କା ନାଗରିକ୍

ମାନ୍‌କୁ ସେବା ଦଉଥିବା ସୁରକ୍ଷା କର୍ମଚାରୀ ଆଉ ୨ ଲାଖ୍ ୨୦ ହଜାର୍‌ନୁ ଅଏତ୍‌କା ସ୍ୱେଚ୍ଛାସେବୀମାନ୍‌କୁ ତାଲିମ୍ ଦେଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଭାରତ୍ ବିପର୍ଯ୍ୟୟ ସ୍ଥିର ଭିତିଭୂମି ନିର୍ମାଣ୍ କ୍ଷେତ୍ରଥି ଗୁଟେ ଆଗ୍‌ଧାଡ଼ିର୍ ରାଷ୍ଟ୍ର ହେଇଛେ ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା କହିଛନ୍ ।

ଏସ୍‌ଆଇଆର୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ସହେତେ ୧୬ ଟା ରାଜ୍ୟ ଆଉ ୩ ଟା କେନ୍ଦ୍ରଶାସିତ୍ ଅଂଚଲ୍ ନ ଭୋଟର୍ ତାଲିକାଥି ୩ ନମ୍ବର୍ ଖେପ୍ ସ୍ୱତନ୍ତ୍ର ସଘନ ସଂଶୋଧନ- ଏସ୍‌ଆଇଆର୍ କାର୍ଯ୍ୟକ୍ରମ୍ ମୁଲ୍ କର୍‌ବାର୍‌କେ ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍ ଜାରି କରାଯାଇଛେ । ଓଡ଼ିଶା ନ ଆଏବା ଜୁଲାଇ ୧ ତାରିଖ୍‌ନୁ ଇ କାର୍ଯ୍ୟକ୍ରମ୍ ମୁଲ୍ ହେବା । ଜନଗଣନା ଲାଗି ଚାଲିଥିବା ଘର୍ ଗଣ୍‌ନା ପ୍ରକ୍ରିୟାକେ ନଜର୍‌ଥି ରଖିକରି ସମୟ ସୂଚୀ ଧାରିଜ୍ କରାଯାଇଛେ । ରାଏଜେ ହେବାର୍‌କେ ଥିବା ଏସ୍‌ଆଇଆର୍

ପ୍ରକ୍ରିୟାଥି ୩୮ ହଜାର୍ ଶହେ ୨୩ ଝନ୍ ବୁଥ୍ସ୍ତରୀୟ ଅଧିକାରୀ ଘର୍ ଘର୍ ବୁଲିକରି ମତଦାତାମାନ୍କର୍ ତଥ୍ୟ ଯାଂଚ୍ କର୍ବେ । ସେମାନ୍କୁ ସାହାଜ୍ କର୍ବାର୍ ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍ଫୁ ୨୭ ହଜାର୍ ନୁ ଅଏତ୍କା ବୁଥ୍ସ୍ତରୀୟ ଏଜେଂଟ୍ ନିୟୋଜିତ ହେଇଛନ୍ । ସ୍ୱଚ୍ଛ ଆଉ ନିରପେକ୍ଷ ସଂଶୋଧନ୍ ପ୍ରକ୍ରିୟା ସୁନିଶ୍ଚିତ କର୍ବାର୍ ଲାଗି ଫି’ ବୁଥ୍ ନ ଝନେ ଲେଖା ବୁଥ୍ସ୍ତରୀୟ ଏଜେଂଟ୍ ନିୟୋଜିତ ହେବେ ବଲି ଆୟୋଗଙ୍କର୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ଆଇନ୍ ଶୃଙ୍ଖଳା ପରିସ୍ଥିତିକେ ନେଇକରି ଆଏଜ୍ ବେଲ୍ବୁଡ଼େ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜରୁରୀ ବୈଠକ୍ ଚାଲିଛେ । ଅପରାଧ୍ ଆଉ ଅପରାଧୀମାନ୍କର୍ ଲାଗି ଜିରୋ ଟଲ୍ରେନ୍ସ ନୀତି ଅପ୍ନାବାର୍ଟା ହେଉଛେ ବୈଠକ୍ର ମୁଲ୍ ଆଭିମୁଖ୍ୟ ।  ହପ୍ତେ ଭିତ୍ରେ ରାଜ୍ୟର୍ ଆଇନ୍ଶୃଙ୍ଖଳା

ପରିସ୍ଥିତି ବାବଦ୍ ଇଟା ୨ ନମ୍ବର୍ ବୈଠକ୍ ଆଏ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍, ଗୁଇନ୍ଦା ନିର୍ଦ୍ଦେଶକ୍, କ୍ରାଇମ୍‌ବ୍ରାଂଚ୍ ଏଡିଜି, ଭୁବ୍‌ନେଶ୍ୱର୍- କଟକ୍ ପୁଲିସ୍ କମିଶନର୍, ସବୁ ଆର୍‌ଡିସି, ସବୁ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ଯୋଗ୍ ଦେଇଛନ୍ ।

ମୁଖ୍ୟ ଶାସନ୍ ସଚିବ ଭୁବନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜସ୍ୱ ସଂଗ୍ରହ ଖର୍ଚ୍ଚା ସମୀକ୍ଷା ଆଉ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରାଯାଇଛେ । ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍‌ଥି ସାରା ଦେଶେ ସମାଧାନ୍ ସମାରୋହ ଅଦାଲତ୍ ଜରିଏ ବିଚାରାଧୀନ୍ ମାମ୍‌ଲାମାନ୍‌କର୍ ସମାଧାନ୍ ଲାଗି ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ କାର୍ଯ୍ୟକାରିତା ବାବ୍‌ଦେ ଆଇନ୍ ବିଭାଗ୍‌ର ସଚିବ ସମ୍‌କୁ ଜନେଇ ଦେଇଥିଲେ ।

ବୈଠକ୍ ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ବିଜେପି ସର୍‌କାର୍‌କେ ଆଏବା ମାସ ୧୨ ତାରିଖ୍ ୨ ବଛର୍ ପୁରା ହେଉଛେ । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନ୍‌କୁ ନେଇକରି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସର୍‌କାର୍‌ଙ୍କର୍ ୨ ବଛ୍‌ରର୍ ଭିନ୍ ଭିନ୍ ସଫଲତା ବାବ୍‌ଦେ ଆଲୋଚନା କରାଯାଇଛେ । ମନ୍ତ୍ରୀମାନେ ଗଲା ୨ ବଛର୍‌ଥି ହାସଲ୍ କରିଥିବା ଭିନ୍ ଭିନ୍ ସଫଲତାକେ ମୁଖ୍ୟମନ୍ତ୍ରୀଙ୍କର୍ ଆଘେ ଉପସ୍ଥାପନ୍ କରିଥିଲେ । ଆଏବା ଦିନେ ସର୍‌କାର୍‌ଙ୍କର୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନାମାନ୍‌କୁ ଲୁକ୍‌କର୍ ପାଶେ ପହଁଚାବାର୍ ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ବୈଠକ୍‌ଥି ଦୁହି ଉପମୁଖ୍ୟମନ୍ତ୍ରୀ ଆଉ ଅଲ୍‌ଗା ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ତେଲ୍ ସଂକଟ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସାରା ପୃଥିବୀରେ ଲାଗି ରହିଥିବା ତେଲ୍ ସଂକଟ୍ ଭିତ୍‌ରେ ରାଜ୍ୟ ସରକାର୍ ଜରୁରୀ ନିଷ୍ପତି ନେଇପାରନ୍ ବଲି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କହିଛନ୍। ସଚିବ ସ୍ତରୀୟ ବୈଠକ୍ ଉତ୍‌ରୁ ଭୁବ୍‌ନେଶ୍ୱର୍‌ରେ ଗଣମାଧ୍ୟମ୍‌କେ ପ୍ରତିକ୍ରିୟା ଦେଇକରି ଶ୍ରୀମତୀ ଗର୍ଗ କହିଛନ୍, ପରିସ୍ଥିତିର୍ ମୁକାବିଲା ଲାଗି ସର୍‌କାରୀସ୍ତର୍‌ଥିର୍ ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ। ପେଟ୍ରୋଲ୍ ଡିଜେଲ୍ ବେଭାର୍ କମ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍‌ଥିର୍ ବହୁତ୍‌ଟେ ରାଏଜେ ଇତାକେ କାର୍ଯ୍ୟକାରୀ କରାଯାଉଛେ। ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଜର୍ କାର୍କେଡ୍‌ଥିର୍ ବେଭାର୍ ହଉଥିବା ଗାଡ଼ି ସଂଖ୍ୟାକେ କମ୍ କରିଛନ୍। ଆଏବା ଦିନେ ସର୍‌କାରୀ ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ଲାଗି ନୂଆଁ ନିର୍ଦ୍ଦେଶ୍ ଜାରି କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ। ସର୍ବସାଧାରଣ୍ ପରିବହନ୍‌ଥିର୍ ଯା'ଆସ୍‌କେ ବାଧ୍ୟତାମୂଳକ୍ କରାଯାଇପାରେ ବଲି ଶ୍ରୀମତୀ ଗର୍ଗ କହିଛନ୍।

(ଭଏସ୍ ଓଭର୍- ଅନୁ ଗର୍ଗ)

ଏଲ୍‌ପିଜି ଏନ୍‌ଏସ୍‌ଡି

ଦେଶେ ଅଶୋଧିତ୍ ତେଲ୍, ଏଲ୍‌ପିଜି ଆଉ ପ୍ରାକୃତିକ୍ ଗେସ୍ ଯୋଗାଣ୍ ଲାଗି ପ୍ରଭାବୀ ପଦକ୍ଷେପ୍ ନିଆଯାଇଛେ ବଲି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ପେଟ୍ରୋଲିୟମ୍ ମନ୍ତ୍ରଣାଲୟର୍ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍, ଘରୋଇ ଏଲ୍‌ପିଜି ଯୋଗାଣ ସ୍ୱାଭାବିକ୍ ରହିଛେ ଆଉ କେନ୍‌ସି ଭିଲ୍ ବିତରକଙ୍କର୍ ନ ଷ୍ଟକ୍ ନାଇଁସରି । ଇତାର୍‌ସହେତେ ରିଫାଇନରିମାନ୍ ପୁରା କ୍ଷମତାଥି କାମ୍ କରୁଛନ୍ ବଲି ଶ୍ରୀମତୀ ଶର୍ମା କହିଛନ୍ । ଗଲା ମାର୍ଚ୍ଚ ମାସୁ ୭ ଲାଖ୍ ନୁ ଅଏତ୍‌କା ଏଲ୍‌ପିଜି ସଂଯୋଗ୍ ଆଉ ସାଢ଼େ ୭ ଲାଖ୍ ନୂଆଁ ପିଏନ୍‌ଜି ଉପଭୋକ୍ତା ପଞ୍ଜିକରଣ୍ ହେଇଛେ । ଗଲା ୩ ଦିନ୍ ଭିତ୍‌ରେ ୧ କୋଟି ୪୦ ଲାଖ୍ ଏଲ୍‌ପିଜି ବୁକିଂ ଭିତ୍‌ରୁ ୧ କୋଟି ୩୯ ଲାଖ୍ ପୁରା କରାଯାଇଛେ । ୯୦ ହଜାର୍‌ନୁ ଅଏତ୍‌କା ଏଲ୍‌ପିଜି ନେଇକରି ୨ ଟା ଜାହାଜ୍ ଗଲାକାଏଲ୍ ହର୍‌ମୁଜ୍ ପ୍ରଣାଳୀ ପାର୍ ହେଇକରି ଆଏବା ୧୬ ତାରିଖ୍ ପୁହୁଁଚିବା ବଲି ବନ୍ଦର୍ ଆଉ ଜାହାଜ୍ ଚଲାଚଲ୍ ସଚିବ କହିଛନ୍ ।

ରଥଚକ ନିର୍ମାଣ                    ପୁରୀ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଲାଗି ରଥ ତିଆରି କାମ୍ ଜାରି ରହିଛେ । ତିନ୍‌ହିରଥର୍ ୩୨ ଟା ଚକା ତିଆରି ଶେଷ୍ ହେଇଛେ । ତାଳଧ୍ୱଜ ରଥର୍ ୧୪ ଟା ଚକା ଭିତ୍‌ରୁ ୯ ଟା ଚକା ବନା କାମ୍ ଶେଷ୍ ହେଇଥିବାର୍ ବେଲେ ଦର୍ପଦଳନ ରଥର୍ ୧୦ ଟା ଆଉ ନନ୍ଦିଘୋଷ ରଥର୍ ୧୨ ଟା ଚକା ବନା ସରିଛେ । ତିନ୍‌ହି ରଥର୍ ୪ ଟା ଲେଖା ମୁହାଂଟ, ୪ ଟା ଲେଖା ନିରାଡ଼ି ଆଉ ୧୨ ଟା ଲେଖା ଭୂଇଁଖମ୍ବିମାନ୍‌କର୍ ଚଡପଟ କାମ୍ ଶେଷ୍ ହେବାର୍ ଉତ୍‌ରୁ ତିନ୍‌ହି ରଥର୍ ଭୂଇଁ ଚଡତା ତିଆର୍ କାମ୍ ମୁଲ୍ ହେଇଛେ । ରୂପକାର୍ ସେବକ୍‌ମାନେ ତିନ୍‌ହି ରଥର୍ ସାଲଗୁଜଥି ନୃସିଂହ ରୂପ ଖୁଦେଇମାନ୍‌କର୍ ପଲିସ୍ କାମ୍ ଜାରି ରଖିଛନ୍ ।

ଷ୍ଟାର୍ ଏୟାର୍ ବିମାନ୍-ଝାର୍‌ସୁଗୁଡ଼ା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍‌ନୁ ଆଏବା ୨୧ ତାରିଖ୍‌ନୁ ଷ୍ଟାର୍ ଏୟାର୍ ବିମାନ୍ ସେବା ମୁଲ୍ ହେବାର୍‌କେ ଯାଉଛେ । ଇଥିର୍‌ଲାଗି ପ୍ରସ୍ତୁତି ଶେଷ୍ ହେଇସାରିଥିବାର୍ ବେଲେ ଟିକେଟ୍ ବୁକିଂ ହପ୍ତେତଲୁ ମୁଲ୍ ହେଇସାରିଛେ । ଝାର୍‌ସୁଗୁଡ଼ା ଆଉ ଭୁବ୍‌ନେଶ୍ୱର୍ ଭିତ୍‌ରେ ବୁଧବାର୍ ଛଡ଼ା ବାକି ୬ ଦିନ୍ ବିମାନ୍ ଚଲାଚଲ୍ କର୍‌ବା । ହାଇଦ୍ରାବାଦ୍- ଝାର୍‌ସୁଗୁଡ଼ା ଭିତ୍‌ରେ ଭିଲ୍ ବୁଧବାର୍ ଛଡ଼ା ହପ୍ତାର୍ ବାକି ସବୁ ଦିନେ ବିମାନ୍ ଚଲାଚଲ୍ କର୍‌ବା ବଲି ଜନାପଡ଼ିଛେ ।

ହର୍‌ଘର୍ ଜଲ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜଲ୍‌ପରିମଳ ମିଶନ୍‌ର ସମୀକ୍ଷା ବୈଠକ୍ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଜିଲ୍ଲା ନ କାର୍ଯ୍ୟକାରୀ ହଉଥିବା ସବୁ ବୃହତ୍ ପାନୀୟ ଜଳ ପ୍ରକଳ୍ପ କାମ୍‌କେ  ଜଲ୍‌ଦି ଶେଷ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଇତାର୍‌ସହେତେ ବିଡ଼ିଓମାନେ ସବୁ ଗାଁ ତଦାରଖ୍ କରିକରି ବେଆଇନ୍ ଭାବେ

ବେଭାର୍ ହଉଥିବା ପାନି ପମ୍ପ୍ ଜବତ୍ କର୍‌ବାର୍ ସହେତେ ସମିଆ ଜାନି ଫି’ ଗାଁ ନ ହର୍‌ଘର୍ ଜଲ୍ ଯୋଜ୍‌ନାକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ପରାର୍ଶ ଦେଇଛନ୍ ।

ଚିରନ୍ତନ ବାଡ଼ି ବଗିଚା ସଚେତନ୍    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ନ ଇକ୍ରିସେଟ୍ ହାଇଦ୍ରାବାଦ୍ ତର୍‌ଫୁ ଚିରନ୍ତନ ବାଡ଼ି ବଗିଚା ସଚେତନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କୋମ୍‌ନା ବ୍ଲକ୍‌ର ୫ ଟା ପଂଚାୟତ୍‌ର ୧୭ ଟା ଗାଁ ନ ଘର୍ ପଛ୍‌ଆଡ଼୍‌ର୍ ପଡ଼ିଆ ଜମିନ୍‌ଥି ପୁଷ୍ଟିକର ପନିପରିବା ଚାଷ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ବୈଠକ୍‌ଥି ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ମିଲୁଥିବା ସୁବିଧା ଆଉ ସାହାଜ୍ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ ।

ସମନ୍ୱୟ କମିଟି ବୈଠକ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ୧୧ ନମ୍ବର୍ ପଂଚବାର୍ଷିକ କୃଷି ଜନଗଣନାର୍ ୩ ନମ୍ବର୍ ଖେପ୍‌ର ତଥ୍ୟ ମଞ୍ଜୁରୀ ଲାଗି ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ୍ ହେଇଯାଇଛେ । ନୂଆଁ କୃଷି ଜନଗଣନା ଅନ୍‌ସାରେ ଜିଲ୍ଲାର୍ କୃଷି କ୍ଷେତ୍ରଥି ଗଲା କିଛି ବଛର୍ ଭିତ୍‌ରେ ଆଧୁନିକୀକରଣ୍, ଜଲ୍‌ସେଚନ୍ ବ୍ୟବସ୍ଥା ଆଉ କୃଷି ଋଣ ପାଏବାର୍‌ଥି ଉଲ୍ଲେଖନୀୟ ଅଗ୍ରଗତି ଦେଖିବାର୍‌କେ ମିଲିଛେ । ଜିଲ୍ଲା ନ କୃଷକ୍‌ମାନ୍‌କର୍ ଆର୍ଥିକ୍ ସଶକ୍ତିକରଣ୍ ହେଇଥିବା ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ଘନୀଭୂତ୍ ହେଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ମୌସୁମୀ ଆଏବା ଶନିବାର୍‌ତକ୍ ଦକ୍ଷିଣ୍ ବଙ୍ଗୋପ୍‌ସାଗର୍ ଆଉ ଆଣ୍ଡାମାନ୍ ସାଗର୍ ସହେତେ ଆଣ୍ଡାମାନ୍ ନିକୋବର୍ ଦ୍ୱୀପପୁଞ୍ଜର୍ କିଛି ଇଲାକାକେ ପ୍ରବେଶ୍ କର୍‌ବାର୍ ସମ୍ଭାବନା

ଅଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ କାଲ୍‌ବୈଶାଖୀର୍ ବଲେ ହେଇଥିବା ବର୍ଷାର୍ ଲାଗି ରାଜ୍ୟର୍ ତାପମାତ୍ରା କମିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ରାଜ୍ୟର୍ ସବୁ ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।